

ଯୁଗାବ୍ଦ : ୫୧୨୨ ଚର୍ତୁବିଂଶତିତମ ଗୁଚ୍ଛ - ତୃତୀୟ କଳିକା ଅଗଷ୍ଟ - ସେପ୍ଟେମ୍ବର - ୨୦୨୦

## ସମ୍ପାଦକୀୟ.......

ଶିଶୁଙ୍କ ଅସ୍ପଷ୍ଟ ଇଚ୍ଛାଶକ୍ତିକୁ ଅନୁଭବ କରି ତାଙ୍କର ସମଗ୍ର ବିକାଶ ଓ ବୃଦ୍ଧି ନିମନ୍ତେ ସମସ୍ତ ସୁଯୋଗ ପ୍ରଦାନ କରିବା ଉଚିତ ଏବଂ ଏହା ପ୍ରତ୍ୟେକ ଶିଶୁର ଅଧିକାର ଅଟେ । ଏହି ସମୟଟି ତାଙ୍କର ଶରୀର ବୃଦ୍ଧି ଓ ବିକାଶ ନିମନ୍ତେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହାକୁ ଦୃଷ୍ଟିରେ ରଖି ତାଙ୍କର ଅସମର୍ଥ୍ୟ ଅବସ୍ଥାକୁ ବିଚାର କରି ସେହିଭଳି ଶିକ୍ଷଣର ଆବଶ୍ୟକତା ରହିଛି । ସ୍ନାୟୁ ବିଜ୍ଞାନୀ ଗବେଷଣା କରି ମତ ଦିଅନ୍ତି ଯେ ଏହା ଶିଶୁଙ୍କ ମସ୍ତିଷ୍କ ବିକାଶର ଦୃତ ବିକାଶର ସମୟ । ଏହି ସମୟରେ ପରିବେଶୀୟ ଅବସ୍ଥାରୁ ଶିଶୁଙ୍କ ସ୍ନାୟବିକ ପଥର ବୃଦ୍ଧି ସାଧାରଣତଃ ପ୍ରଭାବିତ ହୋଇଥାଏ । ତେଣୁ ମସ୍ତିଷ୍କର କୋଷଗୁଡ଼ିକ ତ୍ୱରାନ୍ୱିତ କରାଇବା ପାଇଁ ଏହା ଏକ ସର୍ବୋତ୍ତମ ଶାରୀରିକ କାର୍ଯ୍ୟ ଯୋଗାଇବାର ସମୟ ଅଟେ । ଯାହା ତାଙ୍କର ଜୀବନ ମଧ୍ୟରେ ବ୍ୟକ୍ତିଗତ ସୁବ୍ୟବହାର ଭାବନା ଓ ଶିକ୍ଷାର ବାଟ ଫିଟାଇଥାଏ । ମସ୍ତିଷ୍କର ବିକାଶ ହେଲେ ଉଚ୍ଚ ବିଚାରଧାରା ପ୍ରଜ୍ୱଳିତ ହୁଏ ଏବଂ ଏହା ଦ୍ୱାରା ସମସ୍ତ ବିକାଶ ଦୃଷ୍ଟିକୋଣରୁ ଦକ୍ଷତା ଓ କାର୍ଯ୍ୟ ଦକ୍ଷତା ପ୍ରାପ୍ତ ହୋଇଥାଏ ।

ଏହି ସମୟରେ ଶିଶୁର ସମଗ୍ର ବିକାଶ ୩ ରୁ ୬ ବର୍ଷ ଭିତରେ ଦୃଶ୍ୟମାନ ହୋଇଥାଏ ଏବଂ ତାଙ୍କର ପରବର୍ତ୍ତୀ ବିଦ୍ୟାଳୟ ଓ ଜୀବନର ପ୍ରଗତି ଆନୁସଙ୍ଗିକ ବିଷୟ ରୂପେ ମୂଳରୁ ଆବେଗିକ ହୋଇଥାଏ ।

ସୃଜନଶୀଳତା ତଥା ଶିଶୁଙ୍କ ଆବଶ୍ୟକତା ଅନୁଯାୟୀ ଉତ୍ତମ ଉପଯୋଗୀ କରଣ ସୁବିଚାର ଆଧାରିତ ଖେଳ, ଉପଯୁକ୍ତ ବିକାଶ ନିମନ୍ତେ କ୍ରିୟାକଳାପ ଦ୍ୱାରା ଶିଶୁଙ୍କ କାର୍ଯ୍ୟକୁଶଳତା, ନିପୁଣତା, ଏକାଗ୍ରତା ତଥା ସ୍ୱ ନିୟନ୍ତ୍ରଣ ଦକ୍ଷତାଗୁଡ଼ିକର ବିକାଶ ହୋଇଥାଏ । ଏହି ସବୁ ଦକ୍ଷତା ନିମନ୍ତେ ଶିଶୁ ପ୍ରତ୍ୟେକ କାମକୁ ଠିକ୍ ଭାବରେ ପରିଚାଳନା କରିବା ଏବଂ ସେହିପରି ପରିସ୍ଥିତିରେ ଆବଶ୍ୟକ ସତର୍କତା ବା ସ୍ୱନିୟନ୍ତ୍ରଣ ଗୁଣର ପରିପ୍ରକାଶ ଘଟିଥାଏ । ଯାହା ପରବର୍ତ୍ତୀ ବିଦ୍ୟାର୍ଥୀ ଜୀବନରେ ଆତ୍ମବିଶ୍ୱାସୀ ଏବଂ ଦକ୍ଷ କାର୍ଯ୍ୟକୁଶଳୀ ହେବା ପାଇଁ ସାହାଯ୍ୟ କରେ ।

ଏହା ମଧ୍ୟ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ ଯେ ଅଭିଭାବକ ଓ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ସମ୍ମିଳିତ ଉଦ୍ୟମରେ ଶିଶୁମାନଙ୍କର ଉନ୍ନତି ନିମନ୍ତେ ନିରାପଦ ପରିବେଶ ତିଆରି କରିବେ ଯାହା ଶିଶୁମାନଙ୍କର ବିକାଶରେ ସହାୟକ ହୋଇପାରିବ । ଏପରି ଅନେକ କଥା ଏହି ପତ୍ରିକାରେ ଦିଆଯାଇଛି । ଯାହାକି ନିଜେ ପାଠ କରିବା ସହିତ ଶିଶୁର ସମଗ୍ର ବିକାଶରେ ସହଯୋଗ କରିବା ହେବେ ।

## ଶିଶୁଙ୍କ ସ୍ୱାସ୍ଥ୍ୟର ଯତ୍ନ

ରୂପାଲି ଅପରାଜିତା ମହାନ୍ତି

ମାଂସପେଶୀର ବିକାଶ :-

ଶୈଶବାବସ୍ଥାରେ ପେଶୀୟ ବିକାଶ ମନ୍ଥର ଗତିରେ ସମାହିତ ହୋଇଥିଲାବେଳେ ତିନିବର୍ଷ ବୟସ ବେଳକୁ ଏହାର ବେଗ କିଂଚିତ ମାତ୍ରାରେ ବୃଦ୍ଧି ପାଇଥାଏ । ବିକାଶ ପ୍ରକ୍ରିୟା ବୃତାକାର ପେଶୀରୁ ଆରମ୍ଭ ହୋଇ କ୍ଷୁଦ୍ରତମ  ପେଶୀଆଡ଼କୁ ଗତିକରେ । ତେଣୁ ଜଣେ ଶିଶୁ ଖେଳରେ ତା'ର ବାହୁ ପ୍ରସାରିତ କରିବାକୁ ଚେଷ୍ଟାକରେ ।

ପେଶୀୟ ବିକାଶ :-

ଏହା ଆବଶ୍ୟକୀୟ ପେଶୀର ପରିପକ୍ୱତାରୁ ନିର୍ଦ୍ଧାରିତ ହୋଇଥାଏ । ଜଣେ ଶିଶୁ ବସେ, ଠିଆ ହୁଏ ଏବଂ ଚାଲେ, ସେତେବେଳେ ଆବଶ୍ୟକୀୟ ପେଶୀ ତା'ର ପରିପକ୍ୱ ହୁଏ । କିନ୍ତୁ ଶୈଶବାବସ୍ଥାରେ ପେଶୀମାନଙ୍କ ଏହି ପ୍ରକ୍ରିୟା ଖୁବ୍ ମନ୍ଥର ଗତିରେ ଚାଲୁ ରହେ । ଏହି ପ୍ରକ୍ରିୟା ପ୍ରାୟତଃ ପରିପକ୍ୱତା ପର୍ଯ୍ୟନ୍ତ ଜାରି ରହେ ଏବଂ ଏହା ମଧ୍ୟରେ ସେ କେତେକ ଅନାବଶ୍ୟକ ଗତି ସହ ବ୍ୟପୃତ ରହେ ।

ଓଜନ ବୃଦ୍ଧି :-

ଜନ୍ମ ସୟରେ ମାନବ ଶିଶୁ ୭ ବା ୮ ପାଉଣ୍ଡ ଓଜନ ବିଶିଷ୍ଟ ହୋଇଥାଏ ତାହାର ଦୈର୍ଘ୍ୟ ୨୦ ଇଂଚ ପାଖାପାଖି ଥାଏ । ପ୍ରଥମ ବର୍ଷ ତା'ର ଓଜନରେ ତିନିଗୁଣ ଏବଂ ଦୈର୍ଘ୍ୟରେ ୪୦ ଶତାଂଶ ବୃଦ୍ଧି ପରିଲକ୍ଷିତ ହୁଏ । ପରବର୍ତ୍ତୀ ତିନିବର୍ଷ ବୃଦ୍ଧିର ହାର ହ୍ରାସ ପାଏ ।

ଶୈଶବାବସ୍ଥାରେ ଶାରୀରିକ ଅଭିବୃଦ୍ଧିର ଶିକ୍ଷାଗତ ନିହିତାର୍ଥ

ଶିଶୁର ଶାରୀରିକ ବୃଦ୍ଧି ନିମନ୍ତେ କେବଳ ଗୃହ ନୁହେଁ ଶିକ୍ଷାଦାନ ପରିପ୍ରେକ୍ଷୀ ତଥା ବିଦ୍ୟାଳୟର ଭୂମିକା ମଧ୍ୟ ବେଶ ଗୁରୁତ୍ୱପୂର୍ଣ୍ଣ ତେଣୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ଶିଶୁର ପାରିପାର୍ଶ୍ୱିକ ଅବସ୍ଥା, ଅଭିଭାବକମାନଙ୍କ ସ୍ୱାସ୍ଥ୍ୟ ଓ ଖାଦ୍ୟାଭ୍ୟାସ ଇତ୍ୟାଦି ସମ୍ପର୍କରେ ଆବଶ୍ୟକୀୟ ତଥ୍ୟ ସଂଗ୍ରହ ପୂର୍ବକ ଶିଶୁଠାରେ ବୟଃପ୍ରାପ୍ତ ଦ୍ୱାରା ଦୁଷ୍ଟ ପ୍ରକୃତି ତଥା ମାନସିକ ଅସ୍ଥିରତା ଭାବକୁ ଦୂର କରିବା ନିମନ୍ତେ ଉପଯୁକ୍ତ ପଦକ୍ଷେପମାନ ନେବା ଏକାନ୍ତ ଆବଶ୍ୟକ ।

ତେଣୁ ଶୈଶବାବସ୍ଥାରେ ଶାରୀରିକ ବିକାଶ ଦୃଷ୍ଟିରୁ ଯେଉଁ କେତେକ ସୂଚନା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଉଚିତ ସେଗୁଡ଼ିକ ହେଲା –

୧) ଶାରୀରିକ ଅଭିବୃଦ୍ଧି ତଥା ସୁସ୍ଥତା ଦୃଷ୍ଟିକୋଣରୁ ପିତାମାତା ଶିଶୁ ନିମନ୍ତେ ସୁଷମ ଓ ପୁଷ୍ଟିକର ଖାଦ୍ୟ ଓ ପାନୀୟ ସୁବନ୍ଦୋବସ୍ତ କରିବା ଉଚିତ ।

୨) ଶିଶୁର ପୋଷାକ ପତ୍ର, ଶଯ୍ୟା, ଦେହ ଖାଦ୍ୟ ଖାଉଥିବା ପାତ୍ର, ଖେଳନା ଇତ୍ୟାଦି ପରିଷ୍କାର ପରିଚ୍ଛନ୍ନ ରଖିବା ଉଚିତ ।

୩) ଶିଶୁର ଶୈଶବାବସ୍ଥାରେ ଦୃଢ଼ ଶାରୀରିକ ଅଭିବୃଦ୍ଧି ସମ୍ପନ୍ନ ହୋଇଥିବା ହେତୁ ତାକୁ ଚିପା ପ୍ୟାଣ୍ଟ ସାର୍ଟ ନ ପିନ୍ଧାଇ ଢ଼ିଲା ପୋଷାକ ପିନ୍ଧାଇବା ଉଚିତ ।

୪) ଶିଶୁକୁ ରଙ୍ଗବେରଙ୍ଗ ମନଲୋଭା ଖେଳନା ଦେଖାଇ ତାକୁ ପେଟାଇବା, ଗୁରୁଣ୍ଡିବା, ଠିଆ ହେବା ତଥା ଚାଲିବାକୁ ଅଭିପ୍ରେରିତ କରିବା ଉଚିତ । ଯାହାଫଳରେ ତା'ର ମାଂଶପେଶୀଗୁଡ଼ିକ ସଂଚଳନ ଏବଂ ବିକାଶ ସମ୍ଭବ ହୋଇପାରିବ ।

୫) ଶିଶୁ ଗୁରୁଣ୍ଡିବା, ନୂଆ ନୂଆ ଚାଲିବା ବେଳେ ଟଳମଳ ହୋଇ ଚାଲିଥାଏ । ସେତେବେଳେ ଯେପରି କୌଣସି ଦୁର୍ଘଟଣା ନ ଘଟେ ସେଥିପ୍ରତି ଦୃଷ୍ଟି ଦେବା ଉଚିତ ।

୬) ଶିଶୁ ୩ ବର୍ଷ ବୟସ ବେଳକୁ ପ୍ରାକ୍ ପ୍ରାଥମିକ ବିଦ୍ୟାଳୟରେ ଯୋଗଦେବାକୁ ଯୋଗ୍ୟ ହୋଇଥାଏ । ଏହି ସମୟରେ ଶିଶୁର ଅଙ୍ଗପ୍ରତ୍ୟଙ୍ଗ ଓ ମାଂଶପେଶୀର ଉତ୍ତମ ଚାଳନା ପାଇଁ ଗୃହରେ ଖେଳ, କସରତ, ଦୌଡ଼ ତଥା ଶାରୀରିକ ବ୍ୟାୟାମ ଆଦିର ବ୍ୟବସ୍ଥା ପାଇଁ ପିତାମାତାମାନେ ଯତ୍ନବାନ ହେବା ଉଚିତ ।

୭) ଶିଶୁ ଯଥା ସମୟରେ ଖାଦ୍ୟ ଖାଇବା, ଶୋଇବା, ଶଯ୍ୟାତ୍ୟାଗ କରିବା, ଦାନ୍ତ ଘଷିବା, ଝାଡ଼ା ଫେରିବା, ସ୍ନାନ କରିବା, ପରିଷ୍କାର ପରିଚ୍ଛନ୍ନ ରହିବା ଭଳି ବିଭିନ୍ନ ଆବଶ୍ୟକୀୟ ଅଭ୍ୟାସ ଶିକ୍ଷା କରିବା କ୍ଷେତ୍ରରେ ପିତାମାତା ତଥା ଆତ୍ମୀୟମାନେ ଯତ୍ନବାନ ହେବା ଉଚିତ ।

୮) ଶାରୀରିକ ବିକଳାଙ୍ଗ ଶିଶୁମାନଙ୍କର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ ଓ ମାଂଶପେଶୀର ଅଭିବୃଦ୍ଧି ଓ ଚାଳନା ପାଇଁ ପିତାମାତା ଓ ବିଦ୍ୟାଳୟ କର୍ତ୍ତୃପକ୍ଷ ଆବଶ୍ୟକୀୟ ଆନୁସଙ୍ଗିକ ଉପକରଣ ଯୋଗାଇ ଦେବା ଉଚିତ ।

୯) ଶିଶୁମାନଙ୍କୁ ଭିନ୍ନ ପ୍ରକାର ରୋଗରୁ ରକ୍ଷା କରିବା ନିମନ୍ତେ ପିତାମାତା ଯତ୍ନବାନ ହେବା ସହ ଡାକ୍ତରଙ୍କ ସହିତ ପରାମର୍ଶ କରି ଉପଯୁକ୍ତ ପ୍ରତିଷେଧକ ବ୍ୟବସ୍ଥା କରିବା ଆବଶ୍ୟକ ।

୧୦) ଶିଶୁମାନଙ୍କର ଶାରୀରିକ ଅଭିବୃଦ୍ଧି, ସୁସ୍ଥତା ଏବଂ ସେମାନଙ୍କୁ ସକ୍ରିୟ ରଖିବା ପାଇଁ ପିତାମାତାମାନେ ଛୋଟ ଛୋଟ କାମ କରିବାର ସୁଅଭ୍ୟାସର ବିକାଶ ନିମନ୍ତେ ଚେଷ୍ଟା କରିବା ଉଚିତ ।

ଶୈଶବାବସ୍ଥାରେ ବୌଦ୍ଧିକ ବିକାଶ :-

ଶୈଶବାବସ୍ଥାରେ ବୌଦ୍ଧିକ ବିକାଶର ଅଧ୍ୟୟନ ଆନୁମାନିକ କାର୍ଯ୍ୟକଳାପ ଉପରେ ପର୍ଯ୍ୟବେସିତ ନବ ଶିଶୁ ତା'ର ଜରୁରୀ ଦୈହିକ ଆବଶ୍ୟକତା ଯଥା କ୍ଷୁଧା, ସ୍ନେହ ଇତ୍ୟାଦି ତୁରନ୍ତ ଶାରୀରିକ ଆବଶ୍ୟକତା ସମ୍ବନ୍ଧୀୟ କାର୍ଯ୍ୟରେ

ଅଧିକାଂଶ ସମୟ କଟାଏ । ଶବ୍ଦ ଏବଂ ଦୃଶ୍ୟ ଭଳି ଘଟଣା ତା ପାଇଁ କୌଣସି ଗୁରୁତ୍ୱ ନ ଥାଏ । ତେଣୁ ଆନୁମାନିକ ଭିତରେ ଶିଶୁର ବୌଦ୍ଧିକ ବିକାଶର ଆକଳନ କରାଯାଏ ।

ବୌଦ୍ଧିକ ଜୀବନର ଅୟମାରମ୍ଭ -

ଶିଶୁର ବୌଦ୍ଧିକ ଜୀବନ ସେତେବେଳେ଼ ଆରମ୍ଭ ହୁଏ ଯେତେବେଳେ ସେ ଜଣଙ୍କର ଅନୁଗମନ କରେ । ଅନୁଧ୍ୟାନ କରି ଜଣାଯାଇଛି ଯେ ୧୨ ମାସ ଠାରୁ ୨ ବର୍ଷ ପର୍ଯ୍ୟନ୍ତ ଶିଶୁଟିଏ ଦୃଶ୍ୟମାନ ଆକାର ସମ୍ବନ୍ଧରେ ତା'ର ଧାରଣାରେ ଅଗ୍ରଗତି କରେ । ୨ ବା ୩ ବର୍ଷ ବେଳକୁ ସେ ଅବସ୍ଥିତିର ପାର୍ଥକ୍ୟ ଜାଣିପାରେ ।

ଅନ୍ୟାନ୍ୟ ଇନ୍ଦ୍ରିୟଗତ ବିକଶ -

ପରୀକ୍ଷଣରୁ ଜଣାଯାଇଛି ଯେ ବିକାଶରୁ ଏହି ସୋପାନରେ ଶିଶୁ ରଙ୍ଗ, ଶବ୍ଦ, ଓଜନ, ସମୟ ଏବଂ ସ୍ଥାନ ମଧ୍ୟରେ ପାର୍ଥକ୍ୟ ଅନୁଭବ କରିପାରେ । ଦୁଇ ବର୍ଷର ହେବା ପୂର୍ବରୁ ରଙ୍ଗ ସମ୍ବନ୍ଧରେ ଶିଶୁର ଧାରଣା ବିକଶିତ ହୁଏ । ୪ ବର୍ଷ ବେଳକୁ ସେମାନେ ଶବ୍ଦର ପ୍ରଚଣ୍ଡତା କରିପାରନ୍ତି । ଏହାପରେ ପରେ ଦୃଶ୍ୟ ବାରିବା କାର୍ଯ୍ୟ ଆହୁରି ସହଜ ହୁଏ ।

ସ୍ମରଣ ଶକ୍ତିର ବିକାଶ -

ଗଭୀର ଅନୁଧ୍ୟାନରୁ ଜଣାଯାଇଛି ଯେ ୩ ମାସ ବେଳକୁ ଶିଶୁଟିଏ ତା'ର କ୍ଷୀର ବୋତଲ ଚିହ୍ନିପାରେ । ଏହା ପୂର୍ବରୁ ମଧ ସେ ତା'ର ବାପା ଏବଂ ମାଆକୁ ଚିହ୍ନିଥାଏ । ୬ ମାସ ବେଳକୁ ସେ ପରିଚିତ ଓ ଅପରିଚିତ ମଧ୍ୟରେ ପାର୍ଥକ୍ୟ ଦେଖିପାରେ । ୨ ବର୍ଷ ବେଳକୁ ଶିଶୁଟିଏ ବିଭିନ୍ନ ପଦାର୍ଥର ଛବି ଦେଖି ସେଗୁଡ଼ିକ ନାମ କହିପାରେ । ୩ ରୁ ୪ ବର୍ଷ ବେଳକୁ ସେ ଏକାଠି ମିଶି ଯାଇଥିବା ଚିତ୍ରଗୁଡ଼ିକ ମଧ୍ୟରୁ ଆବଶ୍ୟକୀୟ ଚିତ୍ରକୁ ଚିହ୍ନିପାରେ ।

ସୃଜନଶୀଳ କାର୍ଯ୍ୟର ବିକାଶ -

ଆଦ୍ୟ ସୃଜନଶୀଳ କାର୍ଯ୍ୟରୁ ହିଁ ଶିଶୁର ବୌଦ୍ଧିକ ବିକାଶର ପରିଚୟ ମିଳେ । ଶିଶୁର ପ୍ରଥମ ସୃଜନଶୀଳ କାର୍ଯ୍ୟ ହେଲା ଚିତ୍ରାଙ୍କନ । ଏହା ପ୍ରଥମ ସୃଜନଶୀଳ ସଚେତନତାର ସଙ୍କେତ । ଚିତ୍ରରେ ସେ ବ୍ୟବହାର କରିଥିବା ରଙ୍ଗ ଏବଂ ରେଖା ତା'ର ବୌଦ୍ଧିକ ସ୍ତରର ପରିମାପକ ।

ବିଚାର ଓ ହେତୁବାଦ -

ପିଲାମାନଙ୍କର କଥାବାର୍ତ୍ତା ଏବଂ ବ୍ୟବହାର ଅନୁଧ୍ୟାନ କଲେ ଆମେ ସେମାନଙ୍କ ବିଚାର ଶକ୍ତି ଓ ହେତୁବୋଧ ଉପରେ ଧାରଣା କରିପାରିବା ।

ଅଭିଭାବକଙ୍କ ମତାମତ :-

ସର୍ବପ୍ରଥମେ ଗୁରୁଜୀ ଗୁରୁମାମାନଙ୍କୁ ମୋର ନମସ୍କାର । ଲକ୍‌ଡାଉନ ସମୟରେ ଅନ୍‌ଲାଇନ୍ ମାଧ୍ୟମରେ ଯେଉଁ କ୍ରିୟାକଳାପ ଦିଆଯାଉଛି ସେ ସବୁ କ୍ରିୟାକଳାପକୁ ଆମ ଝିଅ ପ୍ରିୟାସୀ ଦଣ୍ଡସେନା ବହୁତ ଖୁସିରେ କରୁଛି । କରିଥିବା କ୍ରିୟାକାକକୁ ଗ୍ରୁପ୍‌ରେ ପଠାଇଲେ ଗୁରୁଜୀ ଗୁରୁମାମାନେ ସୁନା ଭଉଣୀ ଲେଖି ପଠାଉଅଛନ୍ତି । କହିଲେ ତା'ର ଅଧିକ ଆଗ୍ରହ ବଢ଼ି ଯାଉଛି ।

ଲକ୍‌ଡାଉନ୍ ଯୋଗୁଁ ଆମକୁ କ୍ରିୟାକଳାପ କରାଇବାର ସୁଯୋଗ ମିଳିଛି ବୋଲି ବହୁତ ଖୁସି । ଶିଶୁକୁ କେମିତି କ୍ରିୟାକଳାପ କରାଇବୁ ତହାକୁ ଲେଖି ପଠାଇବାରୁ ଗୁରୁଜୀ ଗୁରୁମାମାନଙ୍କୁ ବହୁତ ବହୁତ ଧନ୍ୟବାଦ ।

ସରକାରୀ ଇ.ଟି.ଇ.ଓ୍ୱାଇ
ସାକ୍ଷୀଗୋପାଳ, ପୁରୀ

# ରାଣୀ ତ୍ରିଶଳା ଦେବୀ

**ଶ୍ରୀ ପ୍ରଦୀପକୁମାର ମଲ୍ଲିକ**

ବହୁ ବର୍ଷ ତଳର କଥା । କ୍ଷତ୍ରୀୟ ବଂଶର ମହାରାଜା ସିଦ୍ଧରାଜ ବହୁତ ଦୟାଳୁ ଓ ପ୍ରଜାବତ୍ସଳ ଥିଲେ । ରାଜା ସିଦ୍ଧରାଜଙ୍କ ପତ୍ନୀ ତ୍ରିଶଳା ଦେବୀ ରୂପ, ଗୁଣ ଏବଂ ବିବେକରେ ପରିପୂର୍ଣ୍ଣ ଥିଲେ । ତାଙ୍କର ପତିଙ୍କ ପାଇଁ ଅନେକ ଆଦର ଥିଲା । ପତିଙ୍କର ବାଣୀକୁ ଭଗବାନଙ୍କର ବାଣୀ ଭାବେ ସ୍ୱୀକାର କରୁଥିଲେ ।

ଅପାର ସୁଖ ସମୃଦ୍ଧିଯୁକ୍ତ ରାଜା ସିଦ୍ଧରାଜାଙ୍କର ନନ୍ଦୀବର୍ଦ୍ଧନ ନାମରେ ଗୋଟିଏ ପୁଅ ଥିଲା । ସେ ବହୁତ ବିନୟ ଓ ସଦ୍‌ଗୁଣ ସଂପର୍ଣ୍ଣ ଥିଲା । ମାତା ଓ ପିତାଙ୍କୁ ଶ୍ରଦ୍ଧା ଓ ଭକ୍ତି କରୁଥିଲା ।

ଗୋଟିଏ ରାତିରେ ତ୍ରିଶଳା ଦେବୀ ନିଜର ଶୟନ କକ୍ଷରେ ଶୋଇଥିଲେ । ଚର୍ତୁପାର୍ଶ୍ୱରେ ସୁଗନ୍ଧିତ ବାତାବରଣ ଥିଲା । ସେ ସୁନ୍ଦର କମଳ ଘୋଡ଼ାଇ ହୋଇଥଲେ । ମଣି ଓ ରତ୍ନରେ ନିର୍ମିତ ଦୀପଗୁଡ଼ିକ ଶୁଦ୍ଧ ଘିଅରେ ଜଳୁଥିଲା । ଏହି ସମୟରେ ତ୍ରିଶଳା ଦେବୀ ସ୍ୱପ୍ନ ଦେଖନ୍ତି । ସିଂହ, ହାତୀ, ବୃଷଭ ଅଭିଷେକଯୁକ୍ତ ଲକ୍ଷ୍ମୀଦେବୀ, ଫୁଲରେ ତିଆରି ଦୁଇଟି ମାଳ, ଚନ୍ଦ୍ର, ସୂର୍ଯ୍ୟ, ଧ୍ୱଜ, ପୂର୍ଣ୍ଣ କଳସ, ପଦ୍ମପୋଖରୀ, ଦେବତାମାନଙ୍କର ବିମାନ, ରତ୍ନର ପାହାଡ଼ ଓ ଧୂଆଁ ବିହୀନ ଅଗ୍ନି । ତ୍ରିଶଳା ଦେବୀ ଏହି ୧୪ଟି ସ୍ୱପ୍ନର ପ୍ରତ୍ୟକ୍ଷ ଅନୁଭବ କରନ୍ତି । ଏମିତି ସୁନ୍ଦର ସ୍ୱପ୍ନ ଦେଖି ତ୍ରିଶଳା ଦେବୀ ବହୁତ ଆନନ୍ଦିତ ହୋଇ ଯାଆନ୍ତି । ରାତିରେ ଉଠି ତ୍ରିଶଳା ଦେବୀ ମହାରାଜାଙ୍କ ଶୟନ କକ୍ଷକୁ ଯାଇ ନିଜର ସ୍ୱପ୍ନ ବିଷୟରେ କହିଲେ । ରାଜାଙ୍କ ଏହି କଥା ଶୁଣି ବହୁତ ପ୍ରସନ୍ନ ହୋଇଗଲେ । ସକାଳୁ ବିଦ୍ୱାନ ବ୍ରାହ୍ମଣମାନଙ୍କୁ ଡକାଇ ରାଜା ତାଙ୍କର ସ୍ୱାଗତ କଲେ ଏବଂ ତ୍ରିଶଳା ଦେବୀଙ୍କୁ ଆସୁଥିବା ସ୍ୱପ୍ନ ବିଷୟରେ ପଚାରିଲେ ।

ବିଦ୍ୱାନ ବ୍ରାହ୍ମଣ କହିଲେ କି ରାଜନ୍ ଆପଣଙ୍କ ଘରେ ଏମିତି ମହାନ ପୁତ୍ର ରତ୍ନ ଜନ୍ମ ହେବ ଯିଏ ଜୈନ ଧର୍ମର ମହାନ ତୀର୍ଥକାର ହେବ । ଏହା ଶୁଣି ରାଜା ଓ ରାଣୀ ଅପାର ଆନନ୍ଦ ସାଗରରେ ବୁଡ଼ିଗଲେ ।

ଚୈତ୍ର କୃଷ୍ଣ ପକ୍ଷ ୧୩ ଦିନରେ ତ୍ରିଶଳା ଦେବୀ ଗୋଟିଏ ସୁନ୍ଦର ମନମୋହକ କୁମାରକୁ ଜନ୍ମ ଦେଲେ । କୁମାର ସ୍ୱରୂପବାନ, ତେଜସ୍ୱୀ କପାଳ, ସୁନ୍ଦର ଆଖି ଏବଂ ସୁନ୍ଦର ବାଳ ଥିଲା । ବାଃ କେଡ଼େ ସୁନ୍ଦର ସ୍ୱରୂପ ଏହି ମନମୋହନ କୁମାର ବଡ଼ ହୋଇ ସବୁ ଜାଗାରେ ତୀର୍ଥ କରୁ ଏବଂ ଭଗବାନ ମହାବୀର ହେଉ ।

ଜଗତରେ ନିଃସ୍ୱାର୍ଥ କରୁଣା ସାଗର, ବିଶ୍ୱ ପ୍ରତି ଅପାର ବାତ୍ସଲ୍ୟ ମୂର୍ତ୍ତି, ଭୁଲ ରାସ୍ତାରେ ଯାଉଥିବା ଆତ୍ମାକୁ ଠିକ୍ ରାସ୍ତା ଦେଖାଇବା, ମୁକ୍ତି ମାର୍ଗରେ ଚାଲୁଥିବା ଲୋକଙ୍କର ପ୍ରେରଣାର ମାର୍ଗ ସ୍ୱାମୀ ମହାବୀର ଭାବରେ ଜଣାଗଲେ ।

ଯେତେବେଳେ ମହାବୀର ଦେବଙ୍କ ଜନ୍ମ ହେଲା ସେତେବେଳେ ରାଜା ସିଦ୍ଧରାଜ ପୁରା ନଗର ବାସୀଙ୍କୁ ଦାନ ଦେଲେ । ଭକ୍ତି ମହୋତ୍ସବ କଲେ । ସୁନାର ଖେଳନାରେ ଖେଳୁ ଖେଳୁ ମହାବୀର ବଡ଼ ହେବାକୁ ଲାଗିଲେ । ମହାବୀରଙ୍କର ଜନ୍ମ ହେବା ମାତ୍ରେ ହିଁ ରାଜାଙ୍କର ଧନ ଓ କୀର୍ତ୍ତି ବଢ଼ିବାକୁ ଲାଗିଲା । ଏଥିପାଇଁ ତାଙ୍କ ନାମ ବର୍ଦ୍ଧମାନ ରଖାଗଲା ।

ବର୍ଦ୍ଧମାନ ଜନ୍ମରୁ ନୁହେଁ ବରଂ ଗର୍ଭାବସ୍ଥାରୁ ହିଁ ବୁଦ୍ଧିମାନ, ସଦ୍‌ଗୁଣୀ ହେବେ ଏମିତି ସଙ୍କେତ ମାତାଙ୍କୁ ମିଳିଥିଲା । ଜନ୍ମ ପରେ ବି ଆଧ୍ୟାତ୍ମିକ ଜ୍ଞାନରେ ରୁଚିଯୁକ୍ତ ବର୍ଦ୍ଧମାନଙ୍କୁ ସାମାନ୍ୟ ଖେଳରେ ଆନନ୍ଦ ମିଳୁ ନ ଥିଲା । ତଥାପି ନିଜର ବନ୍ଧୁମାନଙ୍କୁ ଖୁସି ରଖିବା ପାଇଁ ତାଙ୍କ ସହିତ ଖେଳୁଥିଲେ ।

ଦିନେ ସକାଳୁ ସାଙ୍ଗ ପିଲାମାନଙ୍କ ସହ ବର୍ଦ୍ଧମାନ ଖେଳୁଥିଲେ । ସେହି ସମୟରେ ଏକ ବିରାଟକାୟ ସାପ ଆସିଗଲା । ସାପର ଫଁ ଫଁ ଶବ୍ଦ ଓ ଲମ୍ବା ଜିଭକୁ ଦେଖି ସମସ୍ତେ ଥରିବାକୁ ଲାଗିଲେ କିନ୍ତୁ ବର୍ଦ୍ଧମାନ ସ୍ଥିର ହୋଇ ଛିଡ଼ା ହେଲେ । ସେ ସାପକୁ ଧରି ସୂତା ଗୁଚ୍ଛ ଭଳି ଦୂରକୁ ଫୋପାଡ଼ି ଦେଲେ । ବର୍ଦ୍ଧମାନର ଏହି କାର୍ଯ୍ୟକୁ ଦେଖି ସବୁ ସାଙ୍ଗ ଆଶ୍ଚର୍ଯ୍ୟ ହୋଇଗଲେ । ସାପ ଟିକିଏ ବି ରାଗ କଲା ନାହିଁ । ପୁଣି ସଙ୍ଗେ ସଙ୍ଗେ ଖେଳ ଆରମ୍ଭ କଲାଗଲା ।

ବର୍ଦ୍ଧମାନ ବଡ଼ ହୋଇ ଶାସ୍ତ୍ର ଅଭ୍ୟାସ କଲେ । ଏବେ ସେ ଆଉ ଛୋଟ ହୋଇ ନାହାନ୍ତି । ଯୁବକ ହୋଇଗଲେଣି । ମାତା ପିତାଙ୍କୁ ପୁତ୍ରର ବିଭାଘର ପାଇଁ ଇଚ୍ଛା ହେଲା । କିନ୍ତୁ ବର୍ଦ୍ଧମାନଙ୍କୁ ଏହି କଥା ପାଇଁ କିପରି ରାଜି କରାଇବେ? ମାତା ତ୍ରିଶଳା ଦେବୀ ବର୍ଦ୍ଧମାନଙ୍କ ପାଖକୁ ଯାଇ ବିବାହ ସମାଚାର ଦେଲେ । କୁମାର ଗମ୍ଭୀର ଭାବରେ କହିଲେ କି ମା! ମୁଁ ବିବାହ କରି ଗୋଟିଏ ସ୍ତ୍ରୀର ସ୍ୱାମୀ ହେବି ନା ବିଶ୍ୱର ଉଦ୍ଧାର କରିବି? ଏକ ନାରୀର ସ୍ନେହରେ ଚାରି କାନ୍ଥର କୋଠରୀରେ ବନ୍ଦୀ ହୋଇ ଜଗତର ଉଦ୍ଧାର କେମିତି କରିବି? ମୋତେ ତ ମୋହରାଜଙ୍କ ସହିତ ସଂଗ୍ରାମ କରି ବିଜୟର ବରଣମାଳା ପିନ୍ଧିବାକୁ ଅଛି । ତଥାପି ଯେମିତି ଆପଣଙ୍କ ଇଚ୍ଛା ।

ମାତା ତ୍ରିଶଳା ଦେବୀ ମାନିଲେ ନାହିଁ । ମାତାଙ୍କ ଇଚ୍ଛା ପୂରଣ କରିବାକୁ ଯାଇ ବର୍ଦ୍ଧମାନ ଯଶୋଦା ନାମକ ଇଚ୍ଛାପୂର୍ଣ୍ଣ ନାରୀଙ୍କୁ ବିବାହ କଲେ । ବିବାହ ପରେ ବି ମର୍ଯ୍ୟାଦାପୂର୍ଣ୍ଣ ବ୍ୟବହାର ଏବଂ ଅନାସକ୍ତ ଜୀବନ ବିତାଇବାକୁ ଲାଗିଲେ । ତାଙ୍କର ଗୋଟେ କନ୍ୟା ଜାତ ହେଲା ଯାହାର ନାମ ପ୍ରିୟଦର୍ଶନୀ ରଖାଗଲା । ଯାହାର ଦର୍ଶନ ଖୁବ୍ ପ୍ରିୟ ଲାଗେ, ଏମିତି ଥିଲେ ପ୍ରିୟଦର୍ଶନୀ ।

କାର୍ତ୍ତିକ କୃଷ୍ଣ ପକ୍ଷ ଦଶମୀ ତିଥିରେ ବର୍ଦ୍ଧମାନ ଦେଶକୁ ଛାଡ଼ି ନଗରଜନଙ୍କ ଠାରୁ ଅନ୍ତିମ ବିଦାୟ ନେଲେ ।

**ପ୍ରାନ୍ତ ଶିଶୁବାଟିକା ଶୈକ୍ଷିକ ସଂଯୋଜକ**
**ଶିକ୍ଷା ବିକାଶ ସମିତି, ଓଡ଼ିଶା**

# ଶୁଣରେ ପିଲେ

ଶ୍ରୀମତୀ ପୁଷ୍ପାଞ୍ଜଳି ସାହୁ

ତିନୋଟି ଅକ୍ଷରେ ନାମ ତାହାର
ଭୟଙ୍କର ଅଟେ ତା କଳେବର ।
ଛୁଇଁ ଦେଲେ ତା'ର ବଢ଼ଇ ତେଜ
ତା' ଠାରୁ ଦୂରେଇ ରହିବା ହେବ ।
ଏକାଠି ଖେଳିବା କି ବୁଲିବା ନାହିଁ
ମାସ୍କ ପିନ୍ଧିବାକୁ ଭୁଲିବା ନାହିଁ ।
ଦୂରତାରେ ରହି କଥା କହିବା
ନୀତି ନିୟମକୁ ମାନି ଚଳିବା ।
ସବୁବେଳେ ଆମେ ସଫା ରହିବା
ଟିକେ ମଳି ହେଲେ ହାତ ଧୋଇବା ।
ବିଦେଶୀ ଜିନିଷ ଫୋପାଡ଼ି ଦେବା
ସ୍ୱଦେଶୀକୁ ଆମେ ଆପଣେଇବା ।
ଭୟ, କ୍ରୋଧ ଠାରୁ ଦୂରେ ରହିବା
ସେବା କାର୍ଯ୍ୟ ପାଇଁ ଆଗେଇ ଯିବା ।
ଶୁଣରେ ପିଲେ ନାମଟି ତାହାର କରୋନା ଜାଣ
ଅନୁଶାସନକୁ ମାନି ଚଳିଲେ ମାଡ଼ିବନି ପାଖ ସଭିଏଁ ଶୁଣ ।

ଆଚାର୍ଯ୍ୟା
ସ.ଶି.ବି.ମ., କେନ୍ଦୁଝରଗଡ଼

# କୁନାର ବରଷା ସାଥୀ

ଶ୍ରୀମତୀ ସ୍ୱର୍ଣ୍ଣଲତା ମହାପାତ୍ର

ବରଷା ହେଲାରେ ବରଷା ହେଲା
ବର୍ଷା ପାଣି ଦେଖି କୁନା ଧାଇଁଲା ।
ପ୍ଲାଷ୍ଟିକ ଖେଳନା କାଗଜ ଆଣି
ଡଙ୍ଗା କରିନେଇ ଛାଡ଼ିଲା ପୁଣି ।
ଶୁଖିଲା ପତର ଗୋଟାଇ ନେଇ
ପାଣିରେ ସେ ସବୁ ଦେଲା ଭସେଇ ।
ବହୁଥିଲା ବାଆ ସୁଲୁସୁଲିଆ
ନାଆ ଚାଲୁଥିଲା କେଡ଼େ ବଢ଼ିଆ ।
ପାଣି ଭିତରେ ସେ ଖୁସିରେ ଡ଼େଇଁ
ଚାବୁ ଚାବୁ କରେ ହାତ ବାଡ଼େଇ ।
ମା' ଡାକିଦେଲେ ଆ-ଧନ-ଆ
ବରଷାପାଣିକୁ ଯମା ତୁ ନ ଯାଆ ।
ମାଆ ଡାକ ଶୁଣି କୁନା ଧାଇଁଲା
ଓଦା ସରସର ପାଣି ଝରିଲା ।
ରାଗି ଯାଇ ମାଆ ତାକୁ ଧଇଲେ
ପୋଛା ପୋଛି କରି ସଜେଇ ଦେଲେ ।
କହିଲେ କାହିଁକି ଓଦା ହୋଇଲୁ
ଜ୍ୱର, କାଶ, ଥଣ୍ଡା ଡାକି ଆଣିଲୁ ।
କୁନା କହେ ମା' କଥାକୁ ଶୁଣି
ଆ ଦେଖି ଯିବୁ ବରଷା ପାଣି ।
ଗୁରୁମା ଆମକୁ ଥିଲେ ଶିଖାଇ
ପାଣିରେ କ'ଣ ଭାସି ବୁଲଇ ।
ଖେଳଣା କାଗଜ ଡଙ୍ଗା ଭସେଇ
ପବନ ସାଥିରେ ଭାସି ବୁଲଇ ।
ମାଆ ଦେଖି ତା'ର ଖୁସି ହୋଇଲେ
କୁନାକୁ କାଖେଇ ଗେଲ କରିଲେ ।
ଧନ ମୋର ଆଜି ପାଠ ପଢ଼ିଛି
ବରଷା ପାଣି ତା ସାଥି ହୋଇଛି ।

ଖୋର୍ଦ୍ଧା ବିଭାଗ ଶିଶୁବାଟିକା ପ୍ରମୁଖ
ସ.ଶି.ମ., ବାଙ୍କି

# ଛବି ତୁମ ତୂଳୀରୁ .....



**ନମନକୁମାର ଦାଶ**

ସ.ଶି.ବି.ମ., କେନ୍ଦୁଝରଗଡ଼

ଶ୍ରେଣୀ - ଶିଶୁ ବୋଧ



**ବିଶ୍ୱଜୀତ ଦାସ**

ଶି.ବି.ମ., ମାଥାଲପୁଟ, କୋରାପୁଟ


ଶ୍ରେଣୀ - ଶିଶୁ ବୋଧ



**ରୁଦ୍ର ନାରାୟଣ ସାହୁ**

ସ.ଶି.ବି.ମ., ଘୋଡ଼ା ବଜାର, ପୁରୀ

ଶ୍ରେଣୀ - ଶିଶୁ ବୋଧ



**ରୋଜାଲିନ ସାହୁ**

ସ.ଶି.ବି.ମ., ଗାୟତ୍ରୀ ନଗର, ରାୟଗଡ଼ା

ଶ୍ରେଣୀ - ଶିଶୁ ବୋଧ

# ରଙ୍ଗ ଦିଅ ମଜା ନିଅ





Vol. 23 No. 5 August - September - 2020 R.N.I. Regd. No.ORIORI/2001/5948

# ସମ୍ବାଦ ଚିତ୍ରରେ ଚିତ୍ରରେ ....




ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଭଦ୍ରାସାହିର ମାତୃ ସମ୍ମିଳନୀ, ବିଦ୍ୟାରମ୍ଭ ସଂସ୍କାର ଓ ଜନ୍ମାଷ୍ଟମୀ କାର୍ଯ୍ୟକ୍ରମ ।

*Printed and Published by : Secretary on behalf of Shiksha Vikash Samiti, Odisha & printed at Sarswati DTP Centre, E-59, Zone-A, Mancheswar Industrial Estate, BBSR-10 Editor - Pradeep Kumar Mallick*